## ସଂକ୍ଷେପରେ

### ୱାରେଣ୍ଟ ବଳରେ ୩ କୋର୍ଟଚାଲାଣ

ଗୋପାଳପୁର,୧୩।୩-କୋର୍ଟରେ ବିଚାର ସମୟରେ ବାରମ୍ବାର ଅନୁପସ୍ଥିତ ରହୁଥିବା ବେଳେ ଗୋଲନ୍ଥରା ପୋଲିସ ବିଭିନ୍ନ ମାମଲାରେ ୩ ଜଣଙ୍କୁ ୱାରେଣ୍ଟ ବଳରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କନିଷି ହାଟର ଦିଲୀପ ପାତ୍ର (୨୮), ସୋରଳ ଗ୍ରାମର କୁମାର ଜାନି (୨୯) ଓ ବିଦେଶୀ ବେହେରା। ୨୦୧୫ରେ କନିଷି ହାଟରେ ଦିଲୀପ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ସେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। କୋର୍ଟରେ ବିଚାର ସମୟରେ ଦିଲୀପ ଉପସ୍ଥିତ ରହୁ ନ ଥିଲେ। ଏନେଇ କୋର୍ଟ ଜିଆର କେସ୍ ନଂ. ୧୩୬୯/୧୫ରେ ଗିରଫ ପରୱାନା ଜାରି କରିଥିଲେ। ସେହିପରି ୨୦୧୫ରେ ସୋରଳ ଗ୍ରାମରେ ଗାଳି ଗୁଲଜ ଓ ଗଣ୍ଡଗୋଳ ଘଟଣାରେ ବିଚାର ସମୟରେ କୁମାର ଜାନି କୋର୍ଟକୁ ଆସୁ ନ ଥିଲେ। ଏନେଇ ନଂ.୧୨୬୨/୧୫ରେ କୋର୍ଟ ଗିରଫ ପରୱାନା ଜାରି କରିଥିଲେ। ସେହିପରି ସୋରଳରେ ୨୦୧୫ରେ ବିଦେଶୀ ବେହେରା ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇଥିଲେ। ଏନେଇ କୋର୍ଟରେ ବିଦେଶୀ ଉପସ୍ଥିତ ରହୁ ନ ଥିଲେ। ନଂ.୪୫୦/୧୫ କୋର୍ଟ ଗିରଫ ପରୱାନା ଜାରି କରିଥିଲେ।

### କାଠ ବୋଝେଇ ଗାଡ଼ି ଓଲଟି ୬ ଗୁରୁତର

ମୋହନା,୧୩।୩(ଡି.ଏନ୍.ଏ.)-ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ତଥା ଗଞ୍ଜାମ ଜିଲା ପୋଡ଼ାମାରୀ ରେଞ୍ଜ ଅଧୀନ ଜରଡ ଘାଟିରେ ଶାଳ ଓ ପିଆଶାଳ କାଠ ବୋଝେଇ ୪୦୭ ଗାଡ଼ି ଓଲଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ସମେତ ୫ ଆହତ ହୋଇଛନ୍ତି। କାଠ ଚୋରା ଚାଲାଣ ହେଉଥିବା ବେଳେ ଉକ୍ତ ଘାଟିରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା। ଖବର ପାଇ ମୋହନା ଥାନା ଅଧିକାରୀ ଓ ପୋଡ଼ାମାରୀ ରେଞ୍ଜ ଅଧିକାରୀ ପହଞ୍ଚି କାଠ ସହ ଗାଡ଼ିକୁ ଜବତ କରିଛନ୍ତି। ଆହତ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ଅଛନ୍ତି। ମୋହନା ଥାନାଧିକାରୀଙ୍କ ସୂଚନା ପ୍ରକାରେ ଉକ୍ତ କାଠକୁ ରେଞ୍ଜରଙ୍କ ଜିମାରେ ଦେବା ସହ କେସ୍ ଦାଏର କରାଯାଇ ତଦନ୍ତ ଚାଲିଛି।

### କଂଗ୍ରେସ ସାଙ୍ଗଠନିକ ବୈଠକ



ବୁଗୁଡ଼ା,୧୩।୩(ଡି.ଏନ.ଏ.): ବୁଗୁଡ଼ା ନିକଟ ମା' ମାଳିଝୋଳା ମନ୍ଦିର ପରିସରରେ କଂଗ୍ରେସ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଜାନକୀବଲ୍ଲଭ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବ୍ଲକ ଓ ଏନ୍ଏସି, ବୁଗୁଡ଼ା ବ୍ଲକ ଏବଂ ଏନ୍ଏସିରେ କଂଗ୍ରେସ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ନିର୍ବାଚନ ପରିଚାଳନା ପାଇଁ ବୈଠକରେ ୨୫ ଜଣିଆ କମିଟି ଗଠିତ ହୋଇଥିଲା। ଏଥିରେ କରଚୁଲି ଜୋନ୍ ସଭାପତି ଶଙ୍କର୍ଷଣ ବେହେରା, ବାଲିପଦର ଜୋନର ଗୋପବନ୍ଧୁ ଡାଙ୍ଗୁଆ, ହରିଚରଣ ସ୍ୱାଇଁ, ବିଘ୍ନରାଜ ଦାଶ, ମାନସ ରଞ୍ଜନ ଦାଶ, ଉତ୍ତମ କୁମାର ଦାଶ, ସରପଞ୍ଚ ସୂର୍ଯ୍ୟମଣି ଗୌଡ଼ ଓ ପୋଲସରା ୩ ଜୋନ୍ ସଭାପତିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଗଣେଶ ମନ୍ଦିର ପ୍ରତିଷ୍ଠା

ଆସିକା,୧୩।୩(ଡି.ଏନ୍.ଏ.): ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତା ଗାଙ୍ଗପୁରରେ ମଧୁବୈଶ୍ୟ ସମାଜ ପାଇଲିପଡା ମୁଠା ପକ୍ଷରୁ ଗତ ସୋମବାରରୁ ଚାଲିଥିବା ଗଣେଶ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍ଯାପିତ ହୋଇଛି। ୩ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଦୀକ୍ଷା ଗ୍ରହଣ, ବନଯାଗ, ଜଳଯାତ୍ରା, ଅଙ୍କୁରାରୋପଣ, ସାଲା ପୂଜା, ଅଗ୍ନିସ୍ଥାପନ, ରତ୍ନମୁଦ, ଦେବତା ପ୍ରାଣ ପ୍ରତିଷ୍ଠା, ଦେବତା ସ୍ଥାପନ ସାଙ୍ଗକୁ ଘୃତଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା। ମଧୁବୈଶ୍ୟ ସମାଜର ଗଣେଶ ସାହୁ, ଉତ୍ସବ ଚନ୍ଦ୍ର ସାହୁ, ସୁଦର୍ଶନ ଖୁଣ୍ଟିଆ, ସନ୍ତୋଷ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ବସ୍ତିକୁ ରାସ୍ତା ନାହିଁ
# ସରକାରୀ କୋଠା ନିର୍ମାଣକୁ ବିରୋଧ

ହିଞ୍ଜିଳିକାଟୁ,୧୩।୩(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ସହରାଞ୍ଚଳର ଡାକ୍ତରଖାନା ଓ ପୁରୁଣା ଗୋରୁ ହାଟରେ ବାରାହୀ ପାହାଡ଼କୁ ଲାଗି ରହୁଥିବା ବସ୍ତିବାସିନ୍ଦାଙ୍କ ଯାତାୟାତରେ ସମସ୍ୟା ଦେଖାଦେଇଛି। ବସ୍ତିବାସିନ୍ଦା ହିଞ୍ଜିଳିକାଟୁ ଡାକ୍ତରଖାନା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଫିସ ପରିସର ଦେଇ ଯାତାୟାତ କରୁଥିବା ବେଳେ ଉକ୍ତ ରାସ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଠା ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କୋଠା ହେଲେ ସାହିକୁ ଯିବା ରାସ୍ତା ବନ୍ଦ ହୋଇଯିବ। ତେଣୁ ବୁଧବାର ବସ୍ତିର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକାଠି ହୋଇ ହୋହଲ୍ଲା କରିବାରୁ ଠିକାଦାର କାର୍ଯ୍ୟବନ୍ଦ କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଯୋଜନାରେ ଏହି ବସ୍ତିକୁ ୩ କି.ମି. ଦୂର ନୂଆଗଡ଼ ମୌଜାରେ ନିର୍ମାଣାଧୀନ



କୋଠା ନିର୍ମାଣ ସ୍ଥାନରେ ବସ୍ତି ବାସିନ୍ଦା ଧାରଣା ଦେଇଛନ୍ତି।

କୋର୍ଟ କୋଠା ନିକଟକୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏହାକୁ ବସ୍ତି ବାସିନ୍ଦା ବିରୋଧ କରି ହିଞ୍ଜିଳି ମୌଜାରେ ଜମି ଅଧିକାର ସହ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ଦାବି କରି ଆନ୍ଦୋଳନ ଚଳାଇଥିଲେ। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଦାବି ଉପସ୍ଥାପନ କରିଥିଲେ। ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନିଆ ନ ଯାଇ ଯାତାୟାତ ରାସ୍ତାରେ ଅଫିସ କୋଠା ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିବାରୁ ବସ୍ତି ବାସିନ୍ଦା ଏହାକୁ ବିରୋଧ କରିଛନ୍ତି। ଅଭିସନ୍ଧି ରଖି ପ୍ରଶାସନ ପକ୍ଷରୁ ସେମାନଙ୍କୁ ମୂଳ ଜାଗାରୁ ହଟାଇବାକୁ ଚକ୍ରାନ୍ତ କରାଯାଉଛି ବୋଲି ବସ୍ତିବାସିନ୍ଦା ଅଭିଯୋଗ କରି ହୋହଲ୍ଲା କରିଥିଲେ। ସ୍ଥାନୀୟ କିଛି ରାଜନୈତିକ ବ୍ୟକ୍ତି ସେମାନଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଯାତାୟାତ ରାସ୍ତାରେ କୌଣସି ପରିସ୍ଥିତିରେ କୋଠା ନିର୍ମାଣ କରାଇ ଦେବେ ନାହିଁ ବୋଲି ବସ୍ତି ବାସିନ୍ଦା କୁମାରୀ ସେଠୀ, ଡ଼ମୁଣୀ ସେଠୀ, ହୀନ ପଟ୍ଟନାୟକ, ପବିତ୍ର ସେଠୀ, ଗୋରୀ ମୁନି, ଭାସ୍କର ସେଠୀ ଓ ପ୍ରକାଶ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବିଭିନ୍ନ ବୁଥ୍ ପରିଦର୍ଶନ କଲେ ଏସ୍‌ପି

ଚନ୍ଦ୍ରଗିରି,୧୩।୩(ଡି.ଏନ୍.ଏ.)

ଗଜପତି ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହେବା ପାଇଁ ସ୍ଥାନୀୟ ଏସ୍‌ପି ସାରା ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବୁଥ୍‌କୁ ଯାଞ୍ଚ କରାଯାଉଛି। ବୁଧବାର ପାରଳାଖେମୁଣ୍ଡିରୁ ବାହାରି ଆର୍.ଉଦୟଗିରି ଅଞ୍ଚଳର ଏବଂ ମୋହନା ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକରେ ହେବାକୁ ଥିବା ବୁଥ୍‌କୁ ଅନୁଧ୍ୟାନ କରିଛନ୍ତି। ଏ ନେଇ ସେ ଚନ୍ଦ୍ରଗିରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ବୁଥ୍ ଯାଞ୍ଚ କରି ମୋହନା ଅଭିମୁଖେ ଗସ୍ତ କରିଥିଲେ। ଏସ୍‌ପି ଶର୍ମାଙ୍କ ସହ ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ମୋହନା ଆଇଆଇସି ସୁଜିତ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ସାରା ଶର୍ମାଙ୍କ ସହ ଅନ୍ୟମାନେ।

### ଦୁର୍ଘଟଣାରେ ୨ ଆହତ

ଚିକିଟି,୧୩।୩(ଡି.ଏନ.ଏ.)

କେ.ନୂଆଗାଁ ଥାନା ମା ରତ୍ନେଶ୍ୱରୀ ମନ୍ଦିର ନିକଟରେ ବୁଧବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ୨ଜଣ ଆହାତ ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ବଡଢୁମ୍ବଳା ଗ୍ରାମର ଅନିଲ କୁମାର ଗୌଡ, ପ୍ରସାଦ ଗୌଡ। ଉଭୟେ ବାହାଘର ପାଇଁ ବାଇକ୍‌ରେ ଚିକିଟି ଆସି ନିଜ ଗ୍ରାମକୁ ଫେରୁଥିବା ବେଳେ ମାଁ ରତ୍ନେଶ୍ୱରୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି ।

# ବିପର୍ଯ୍ୟସ୍ତ ରୋଗୀସେବା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୋଲସରା,୧୩।୩(ଡି.ଏନ.ଏ.)

ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ରୋଗୀସେବା ସହ ଡାକ୍ତର ଅଭାବକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କୋଦଳା, ବୁଗୁଡ଼ା, ସୁମଣ୍ଡଳ ଆଦି ଅଞ୍ଚଳବାସୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଏହାର ଅବସ୍ଥା ଅତି ଦୟନୀୟ ହୋଇପଡ଼ିଛି। ସାମାନ୍ୟ ଥଣ୍ଡାଜ୍ୱର ହେଲେ ରୋଗୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଉଛି। ଏଥିସହ ଅଲଟ୍ରା ସାଉଣ୍ଡ ମେଶିନ ମଧ ଖତ ଖାଉଛି, ରକ୍ତ ସଂରକ୍ଷଣ ଗୃହରେ ଅଭିଜ୍ଞ ଡାକ୍ତରଙ୍କ ନ ଥିବାରୁ ରକ୍ତ ସଂରକ୍ଷଣ ହେଉନି। ଫଳରେ ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଡ୍ୟୁଟିରେ ଥିବା ଧାଇମାନେ ଗର୍ଭବତୀ ପ୍ରସୂତିମାନଙ୍କ ପରିବାରଙ୍କଠାରୁ ଅଧିକ ଅର୍ଥ ଦାବି କରନ୍ତି, ନ ଦେଲେ ଆବଶ୍ୟକ କାଗଜପତ୍ରରେ ଦସ୍ତଖତ କରନ୍ତି ନାହିଁ ବୋଲି ନାଗରିକ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବହୁବାର ଅଭିଯୋଗ ହେଉଛି। ଏ ନେଇ ଋଷିକୁଲ୍ୟା ରୟତ ମହାସଭା ପୋଲସରା ବ୍ଲକ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଦୁରାବସ୍ଥାକୁ ସମାଧାନ କରାନଗଲେ ନିର୍ବାଚନ ପୂର୍ବରୁ ଋଷିକୁଲ୍ୟା ରୟତ ମହାସଭା ଓ ଅଞ୍ଚଳବାସୀ ଏକତ୍ରିତ ହୋଇ ଗଣଧାରଣା ଦେବେ ବୋଲି ଋଷିକୁଲ୍ୟା ରୟତ ମହାସଭା ପୋଲସରା ଶାଖା ସଭାପତି ସତ୍ୟବାନ ପ୍ରଧାନ ପ୍ରକାଶ କରିଛନ୍ତି। ଏହାର ଅବିକଳ ନକଲ ରାଜ୍ୟପାଳ, ସ୍ୱାସ୍ଥ୍ୟମନ୍ତ୍ରୀ, ଗଞ୍ଜାମ ଜିଲାପାଳ, ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ବିଡିଓ ପ୍ରମୁଖଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ପଠାଇଥିବା ସୂଚନା ଦେଇଛନ୍ତି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

ଆସିକା,୧୩।୩(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ସରିଥିବା ବେଳେ ରାଜ୍ୟରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ମହିଳା କର୍ମୀ ଘର ଘର ବୁଲି ପରିବାରର ମହିଳା ସଦସ୍ୟଙ୍କୁ ନବୀନ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବେ। ଆମ ଗାଁ ଆମ ବିକାଶ-ଆମ ସହର-ଆମ ଉନ୍ନତି ଯୋଜନାଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ସମ୍ପର୍କରେ ମତାମତ ସଂଗ୍ରହ କରିବେ। ଏହାଛଡା ବିଶୁଦ୍ଧ ପାନୀୟ ଜଳଯୋଗାଣ, ଜଳସେଚନ, ସ୍ୱାସ୍ଥ୍ୟ ଶିକ୍ଷା ବ୍ୟବସ୍ଥା ଆଦି ମଧ୍ୟରୁ କେଉଁ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯିବ ଏହାର ମତାମତ ସଂଗ୍ରହ କରିବେ। ଏପରିକି ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା, ଦେଶରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ପ୍ରତି ପରିବାରର ବ୍ୟାଙ୍କ ଖାତାରେ ୧୫ଲକ୍ଷ ଟଙ୍କା ଜମା, ବିଭିନ୍ନ ନଦୀ ଉପର ମୁଣ୍ଡରେ ଅନ୍ୟ ରାଜ୍ୟ ଦ୍ୱାରା ନିର୍ମାଣ କରାଯାଉଥିବା ବ୍ୟାରେଜ ଓ ବନ୍ଧ କାର୍ଯ୍ୟ ବନ୍ଦ କରିବା ଆଦି କାର୍ଯ୍ୟକ୍ରମ ମଧ୍ୟରୁ କେନ୍ଦ୍ର ସରକାରଙ୍କ ନିକଟରେ କେଉଁ ଦାବିକୁ ଦୃଢତାର ସହ ଉପସ୍ଥାପନ କରାଯିବ ସେ ସମ୍ପର୍କରେ ମଧ ମତାମତ ସଂଗ୍ରହ କରାଯିବ। ଆସିକା ଏନ୍ଏସିରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ଲାଗି ବୁଧବାର ସନ୍ଧ୍ୟାରେ ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନଗର ମହିଳା ବିଜେଡି ସଭାନେତ୍ରୀ ତଥା ପୂର୍ବତନ ଏନ୍ଏସି ଅଧକ୍ଷା ମଧୁସ୍ମିତା ପୋଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ବିଧାୟକ ଦେବରାଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୦ ତାରିଖ ମଧ୍ୟରେ ଏନ୍ଏସିର ୧୮ ୱାର୍ଡରେ ମହିଳା କର୍ମୀମାନେ ଘରକୁ ଘର ବୁଲି ଏହି ମତାମତ ସଂଗ୍ରହ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି।

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୩।୩

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ଏକ ବାଲ୍ୟ ବିବାହକୁ ବୁଧବାର ଚାଇଲ୍ଡ ଲାଇନ ସଦସ୍ୟମାନେ ବନ୍ଦ କରିଛନ୍ତି। ଏଥିସହ ଉଭୟ ପରିବାରର ଲୋକଙ୍କୁ ବାଲ୍ୟ ବିବାହ ଆଇନ, ଦଣ୍ଡ ବିଧାନ ଏବଂ ଏହାଦ୍ୱାରା ନାବାଳିକାଙ୍କ ଉପରେ କ'ଣ ପ୍ରଭାବ ପଡିଥାଏ ତାହା ବୁଝାଇଥିଲେ। ଏ ନେଇ ଗୋଛାପଡା ଥାନାରେ ଏକ କେସ୍ ଡାଏରୀ କରାଯାଇଛି। ପ୍ରକାଶ ଯେ, ପାହିରାଜୁ ପଞ୍ଚାୟତର ଜଣେ ନାବାଳିକାଙ୍କ ସହ କାଶିନିପଦରର ଯୁବକଙ୍କ ବିବାହ ହେବାକୁ ବୁଧବାର ଦିନଧାର୍ଯ୍ୟ ହୋଇଥିଲା। ତେଣୁ ଝିଅ ଘର ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲା। ଏପରିକି ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବେଦୀରେ ବ୍ରାହ୍ମଣ ମଧ ବସିଥିଲେ । ଚାଇଲ୍ଡ ଲାଇନ ସଦସ୍ୟ ଏହି ସୂଚନା ପାଇ ପୋଲିସ ସହ ସେଠାରେ ପହଞ୍ଚି ବିବାହ ବନ୍ଦ କରିଥିଲେ । ତେବେ ଏହି କାର୍ଯ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଧିକାରୀ, ଜିଲା ଶିଶୁ ଅଧିକାରୀରଙ୍କ ସହଯୋଗ ମିଳି ନ ଥିବା ଚାଇଲ୍ଡ ଲାଇନ ଅଭିଯୋଗ କରିଛି ।

## ସେଲ୍‌ଫି କର୍ଣ୍ଣର



ଅମିତ କୁମାର



ବଳରାମ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ନିର୍ବାଚନ କାର୍ଯ୍ୟରେ ଅସହଯୋଗ
# ୯ ଗାଡ଼ି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍

ଛତ୍ରପୁର,୧୩।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ନିର୍ବାଚନ କାର୍ଯ୍ୟରେ ଅସହଯୋଗ କରିବା ୯ ଜଣ ଗାଡ଼ି ମାଲିକଙ୍କୁ ମହଙ୍ଗା ପଡ଼ିଛି। ନିର୍ବାଚନ କାର୍ଯ୍ୟ ପାଇଁ ହୋଇଥିବା ଯାନବାହାନ ଅଧିଗ୍ରହଣ ପ୍ରକ୍ରିୟାରେ ଏମାନେ ଅସହଯୋଗ କରିଥିଲେ। ପ୍ରଶାସନ ନିକଟରେ ଗାଡିଗୁଡିକ ହାଜର କରିନଥିବାରୁ ୯ ଜଣ ଗାଡ଼ି ମାଲିକଙ୍କୁ ଗଞ୍ଜାମ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ପ୍ରକାଶ ଯେ, ନିର୍ଦ୍ଧାରିତ ସମୟରେ କାରଣ ନ ଦର୍ଶାଇ ଗାଡ଼ିକୁ ହାଜର ନକଲେ ନିୟମ ଅନୁସାରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଏଥିରେ ୧ ବର୍ଷ ଜେଲ ଓ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ଅଛି। କାରଣ ଦର୍ଶାଅ ନୋଟିସ ପାଇବା ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କୌଣସି ବ୍ୟକ୍ତି ନିର୍ବାଚନ କାର୍ଯ୍ୟରେ ଅସହଯୋଗ କଲେ ବରଦାସ୍ତ କରାଯିବ ନାହିଁ ଏବଂ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ବୁଧବାର ରାତିରେ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

## ପୋଲିସ, ଅବକାରୀ ବିଭାଗର ମିଳିତ ଚଢାଉ
# ୬ହଜାର ଲିଟର ପୋଚ, ୩୮୦ଲିଟର ମଦ ଜବତ



ଜବତ ମଦ ଓ ପୋଚ ସହ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ।

ସୋରଡା,୧୩।୩(ଡି.ଏନ୍.ଏ.)

ସ୍ଥାନୀୟ ପୋଲିସ ଓ ଗଞ୍ଜାମ ଜିଲା ଅବକାରୀ ଗୋଇନ୍ଦା ବିଭାଗ ମିଳିତ ଭାବେ ମଙ୍ଗଳବାର ଭୋରରୁ ସୋରଡା ଅଞ୍ଚଳରେ ଚଢାଉ କରିଥିଲେ। ବ୍ଲକର ଢେପାପଲ୍ଲି, ମଝିଆପଲୀ, କୁଲାଙ୍ଗି, ଭାଲିଆପଲୀ ଗ୍ରାମରେ ଚଢାଉ କରି ୬ହଜାର ଲିଟର ପୋଚ ଓ ୩୮୦ଲିଟର ମହୁଲି ମଦ ଓ ୫ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିଥିଲେ। ସୋରଡା ତହସିଲଦାର ଅମର କୁମାର ବସନ୍ତରାୟ, ଥାନା ଅଧିକାରୀ ପ୍ରଭାତ ସାହୁ, ଅବକାରୀ ଅଧିକାରୀ ସୋରଡା ମୋହନ ପ୍ରଧାନ, ଜିଲା ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର, ଡିଏସ୍‌ପି ଅଭିରାମ ବେହେରା ପ୍ରମୁଖ ଚଢାଉରେ ସାମିଲ ଥିଲେ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଡିମାଣ୍ଡ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ର**ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ୨ ଡିଜେ ଜବତ କଲା ପୋଲିସ



**ବ୍ରହ୍ମପୁର ଅଫିସ,୧୩।୩(ଡି.ଏନ୍.ଏ.):** ଉଚ୍ଚ ଶବ୍ଦରେ ବଜାଉଥିବା ଅଭିଯୋଗରେ ବ୍ରହ୍ମପୁର ପୋଲିସ ବୁଧବାର ସନ୍ଧ୍ୟାରେ ୨ଟି ଡିଜେ ଜବତ କରିଛି। ବଡବଜାର ଥାନା ପୋଲିସ ଆସିକା ରୋଡଠାରୁ ଏବଂ ଟାଉନଥାନା ପୋଲିସ କର୍ପୋରେଶନ ରୋଡଠାରୁ ଏହି ୨ ଡିଜେକୁ ଜବତ କରିଛି। ବାହାଘର ବରଯାତ୍ରୀ ଶୋଭାଯାତ୍ରାରେ ଯାଉଥିବାବେଳେ ନିୟମଠାରୁ ଅଧିକ ଶବ୍ଦରେ ବଜାଉଥିବା ଯୋଗୁ ଏହି ଡିଜେ ଦୁଇଟିକୁ ଜବତ କରାଯାଇଛି।

### କୂଅରୁ ଯୁବକ ଉଦ୍ଧାର

**ପାରଳାଖେମୁଣ୍ଡି, ୧୩।୩(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରର ତେଲି ଶୁଣ୍ଡିସାହିରେ ଥିବା ଏକ କୂଅରୁ ମଙ୍ଗଳବାର ରାତି ପ୍ରାୟ ୧ଟାରେ ଜଣେ ଯୁବକଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ତାଙ୍କ ନାମ ନୃସିଂହ ସାହୁ। ସେ କୌଣସି କାରଣରୁ କୂଅରେ ଖସିପଡ଼ିଥିଲେ। ଘଟଣା ପ୍ରଘଟ ହେବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚିବା ପରେ ଫାୟାରମ୍ୟାନ ଚନ୍ଦନ କୁମାର ଦାସ କୂଅ ଭିତରକୁ ପଶି ଯୁବକଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀ ମାଗୁଣି ବେହେରା, କାହ୍ନୁ ପାତ୍ର, ଶିବ ସ୍ୱାଗତ ଦାସ, ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

### ଅବକାରୀ ଚଢ଼ାଉ: ୨ଗିରଫ

**ପାରଳାଖେମୁଣ୍ଡି, ୧୩।୩(ସ୍ୱ.ପ୍ର.):** ଗଜପତି ଜିଲାର ପାରଳାଖେମୁଣ୍ଡି ଓ ଗୁରାଣ୍ଡି ଥାନା ଅଞ୍ଚଳରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ସିଙ୍ଗିପୁର, ନେରେଡିଗୁଡା ଓ ବାଘଶାଳାରୁ ୩୬ ଶହ ୮୦ଲିଟର ପୋଚ, ୧୫.୫ମିଲି ବିଦେଶୀ ମଦ ଏବଂ ୬.୫ମିଲି ବିୟର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ବାଘଶାଳା ଗ୍ରାମର ୱାଇ.ଭେଙ୍କେଟେଶ ଏବଂ ଏସ୍.ଦିବାକରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ନିରୀକ୍ଷକ ପଦ୍ମଚରଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢାଉରେ ପାରଳାଖେମୁଣ୍ଡିର ଏସ୍ଆଇ ଆର୍.ଏନ୍. ପ୍ରଧାନ, ସି.ଏସ୍.ପଡିହାରୀ, ଏଏସ୍ଆଇ କିଶୋର ଚନ୍ଦ୍ର ରଥ, ଚିତ୍ତ ରଞ୍ଜନ ଜେନା, ଏମ୍.ଶବରଙ୍କ ସମେତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଅବକାରୀ ଅଧିକ୍ଷକ ଆଇ.ଇ.କୁମାର, ପାପା ରାଓ ସାମିଲ ଥିଲେ।

# କିଲର ସାଜିଛି ପେନ୍‌କିଲର

**ଆଶୀର୍ବାଦ ରାଉତ**
**ବ୍ରହ୍ମପୁର ଅଫିସ,୧୩।୩**

ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା କିଡ୍‌ନୀ । ରକ୍ତରୁ ବିଷାକ୍ତ ପଦାର୍ଥ, ଅଦରକାରୀ ଜଳୀୟାଂଶ ଆଦି ମୁତ୍ର ଦ୍ୱାରା ବାହାର କରିବା ହେଉଛି ଏହାର ମୁଖ୍ୟ କାର୍ଯ୍ୟ। ଯଦି କୌଣସି ପ୍ରକାରେ କିଡ୍‌ନୀ ଠିକ୍ କାର୍ଯ୍ୟ କରେ ନାହିଁ, ତେବେ ଶରୀରର କ୍ଷତି କରିଥାଏ। ରୋଗୀଙ୍କ ମୃତ୍ୟୁ ହେବାର ଆଶଙ୍କା ମଧ୍ୟ ବଢ଼ିଯାଇଥାଏ। କିଡ୍‌ନୀ ଜନିତ ରୋଗ ବିଶେଷକରି ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଲା ଅସାବଧାନତା ଏବଂ ସଚେତନତାର ଅଭାବ। ସାମାନ୍ୟ ପୀଡ଼ା ହେଲେ କ୍ୱାକ୍ ଓ ଅନଭିଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ପେନ୍‌କିଲର୍ ଖାଇ ଦେଉଛନ୍ତି। ଆଣ୍ଟିବାୟୋଟିକ୍‌ର ଅଧିକ ସେବନ ଦ୍ୱାରା ମଧ୍ୟ କିଡ୍‌ନୀ ଖରାପ ହେଉଛି। କିଡ୍‌ନୀ ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୪ତାରିଖରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଉଛି ।

ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ରହିଛି କିଡ୍‌ନୀ ରୋଗ ବିଭାଗ । ଏହି ବିଭାଗରେ ବର୍ଷକୁ ପ୍ରାୟ ୧ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ନିୟମିତ ଡାଏଲିସିସ୍ ମଧ୍ୟ କରାଯାଉଛି। ରୋଗୀଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଗ୍ରାମାଞ୍ଚଳ ବାସିନ୍ଦା। ସେମାନଙ୍କ ଭିତରେ ସର୍ବାଧିକ ରୋଗୀ, ପେନ୍‌କିଲର୍ କିମ୍ବା ଆଣ୍ଟିବାୟୋଟିକ୍‌ର ଅଧିକ ସେବନ ଦ୍ୱାରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା କହିଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ପେନ୍‌କିଲର୍ କିମ୍ବା ଆଣ୍ଟିବାୟୋଟିକ୍ ସମ୍ପର୍କରେ ଅଜ୍ଞ। ସାମାନ୍ୟ କୌଣସି ପ୍ରକାରର ଶାରୀରିକ ପୀଡା ପାଇଁ ସେମାନେ କ୍ୱାକ୍, ଗ୍ରାମାଞ୍ଚଳର ଅନଭିଜ୍ଞ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇଥାନ୍ତି। ପୀଡ଼ା ଦୂର କରିବା ପାଇଁ ଡାକ୍ତରମାନେ ବିଭିନ୍ନ କମ୍ପାନୀର ପେନ୍‌କିଲର୍ ଲେଖନ୍ତି। ସେହିଭଳି ଜ୍ୱର, କାସ ଓ ମୁଣ୍ଡବ୍ୟଥା ଭଳି ସାମାନ୍ୟ ରୋଗରେ ମଧ୍ୟ ଆଣ୍ଟିବାୟୋଟିକ୍ ଦିଆଯାଉଛି। ଉଭୟ ଔଷଧର ଅତ୍ୟଧିକ ସେବନ ପରବର୍ତ୍ତୀ ସମୟରେ କିଡ୍‌ନୀକୁ ଖରାପ କରିଦେଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ କିଡ୍‌ନୀ ଖରାପ ହୋଇ ଯାଇଥିଲେ ମଧ୍ୟ ରୋଗୀମାନେ ଜାଣିପାରନ୍ତି ନାହିଁ। ଗୁରୁତର ପରିସ୍ଥିତିରେ ଜାଣିଲା ବେଳକୁ, ରୋଗ ନିୟନ୍ତ୍ରଣକୁ ଆଣିବା କଷ୍ଟ ହୋଇପଡ଼େ। ଥରେ କିଡ୍‌ନୀ ରୋଗର ଶିକାର ହେବା ପରେ ଚିକିତ୍ସାର ଏକ ମାଧ୍ୟମ ହେଲା ଡାଏଲିସିସ୍। ଡାଏଲିସିସ୍ ହେଉଛି ଏକ ମେଶିନ୍ ଯାହା କିଡ୍‌ନୀର କାର୍ଯ୍ୟ କରିଥାଏ । ରକ୍ତ ସଫା କରିଥାଏ । ଫଳରେ ଜଣେ ରୋଗୀ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚି ରୁହନ୍ତି ।

ତେବେ ପେନ୍‌କିଲର୍ ଏବଂ ଆଣ୍ଟିବାୟୋଟିକ୍‌ର ସେବନଠାରୁ ଦୂରରେ ରହିଲେ କିଡ୍‌ନୀ ଜନିତ ସମସ୍ୟା ଦେଖାଦେଇ ନ ଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି । ସେହିଭଳି ସଅଳ ଚିହ୍ନଟ ଦ୍ୱାରା ଉପଯୁକ୍ତ ଚିକିତ୍ସା ମଧ୍ୟ କରାଯାଇପାରିବ। ପରିସ୍ରା ସମୟରେ ପୀଡ଼ା, ଅନିୟମିତ ପରିସ୍ରା, କ୍ରମାଗତ ବାନ୍ତି ହେବା ଆଦି କିଡ୍‌ନୀ ଖରାପ ହେବାର ଲକ୍ଷଣ। ଯଦି ଏଭଳି ଲକ୍ଷଣ ଦେଖାଦିଏ, ତେବେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ ବୋଲି ଡାକ୍ତରମାନେ କୁହନ୍ତି ।

ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ର କିଡ୍‌ନୀ ରୋଗ ବିଶେଷଜ୍ଞ ଡା. ସରୋଜ କୁମାର ପଣ୍ଡା କୁହନ୍ତି, କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢୁଛି । ରୋଗୀମାନେ ଏଠାରେ ଭର୍ତ୍ତି ହେବା ପରେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଉଛି । ରକ୍ତ ସର୍କରା, ୟୁରିଆ କ୍ରିଏଟିନ୍ ନିୟମିତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଉଛି। ଏଥି ସହ ରକ୍ତଚାପକୁ ନିୟନ୍ତ୍ରିତ ରଖିବାକୁ ଔଷଧ ଦିଆଯାଉଛି। ଖୁବ୍ କମ୍ ପାଣି ପିଇବା ପାଇଁ କୁହାଯାଉଛି । ସେହିଭଳି ବଡ଼ ମେଡ଼ିକାଲ୍‌ରେ ଡାଏଲିସିସ୍‌ର ସୁବିଧା ମଧ୍ୟ ରହିଛି । ଏଠାରେ ଭର୍ତ୍ତି ହେଉଥିବା ରୋଗୀମାନେ ବିଶେଷକରି ପେନ୍‌କିଲର୍ ଖାଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡୁଛି। ଡାକ୍ତରଙ୍କ ପରାମର୍ଶ ବିନା ପେନ୍‌କିଲର୍ ଏବଂ ଆଣ୍ଟିବାୟୋଟିକ୍ ନ ଖାଇବାକୁ କୁହାଯାଉଛି। ରକ୍ତଶର୍କରା ଏବଂ ରକ୍ତଚାପ ନିୟନ୍ତ୍ରଣ, ଆବଶ୍ୟକତା ଅନୁଯାୟୀ ପାଣି ପିଇଲେ, କିଡନୀ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ କହିଛନ୍ତି । ନିୟମିତ ଡାକ୍ତରଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ସେ ପରାମର୍ଶ ଦେଇଛନ୍ତି ।

**ଆଜି ବିଶ୍ୱ କିଡ୍‌ନୀ ଦିବସ**



ବ୍ରହ୍ମପୁର ବଡ଼ ମେଡିକାଲ୍ କିଡ୍‌ନୀ ରୋଗ ବିଭାଗ ।

- **ବଡ଼ ମେଡିକାଲ୍‌ରେ ବର୍ଷକୁ ହଜାରେ ରୋଗୀ**
- **ଅସାବଧାନତା, ସଚେତନତା ଅଭାବରୁ ନଷ୍ଟ ହେଉଛି କିଡ୍‌ନୀ**

### ରୋଗ ନିୟନ୍ତ୍ରଣ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର

**ପାରଳାଖେମୁଣ୍ଡି, ୧୩।୩(ସ୍ୱ.ପ୍ର.)**

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ରୋଗ ନିୟନ୍ତ୍ରଣ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପି.କେ.ପାତ୍ର ଯୋଗଦେଇ ଗ୍ରାମାଞ୍ଚଳରେ କିଭଳି ସତର୍କତା ଅବଲମ୍ବନ କଲେ ବିଭିନ୍ନ ପ୍ରକାର ରୋଗ ନିୟନ୍ତ୍ରଣ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ପ୍ରଥମେ କେଉଁ ଧରଣର ରୋଗ ହୋଇଛି ତାହା ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ଡେଙ୍ଗୁ, ମ୍ୟାଲେରିଆ ଇତ୍ୟାଦି ରୋଗ ମଶାବାହକ ହୋଇଥିବାବେଳେ ଝାଡା,ବାନ୍ତି ଇତ୍ୟାଦି ରୋଗ ଜଳ ଦ୍ୱାରା ବ୍ୟାପିଥାଏ । କିଛି ରୋଗ ବାୟୁ ଦ୍ୱାରା ବ୍ୟାପି ଜଣକ ଦେହରୁ ଅନ୍ୟ ଜଣକଠାରେ ଜୀବାଣୁ ପହଞ୍ଚାଇଥାଏ। ଏପରିସ୍ଥଳେ ସେହି ଜୀବାଣୁକୁ କିପରି ଭାବେ ମୂଳରୁ ନଷ୍ଟ କରାଯାଇପାରିବ ଏବଂ ରୋଗକୁ ନିୟନ୍ତ୍ରଣ କରାଯିବ ସେନେଇ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ସର୍ବଦା ପରିବେଶକୁ ସଫାସୁତୁରା ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଇବାକୁ ଉପସ୍ଥିତ ଫାର୍ମାସିଷ୍ଟମାନଙ୍କୁ ପରାମର୍ଶ ଦିଆଯାଇଥିଲା।

## ଏମ୍‌ବିଏ ବିଭାଗର ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ




ଅତିଥିମାନେ ସୋଭିନିୟରକୁ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୩।୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ 'ଡିଜିଟାଲ ଯୁଗରେ ବ୍ୟବସାୟର ପରିଚାଳନା' ଶୀର୍ଷକ ଆଲୋଚନାଚକ୍ରକୁ ଭୁବନେଶ୍ୱର ଆଇଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଗୋପାଳକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଭି. କ୍ରିଷ୍ଣାମୋହନ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନର ଡିଜିଟାଲ ଭାରତ ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲାଇଜେଶନର ଆବଶ୍ୟକତା ଉପରେ ଆଲୋକପାତ କରି ସେ କହିଥିଲେ, ଭାରତର ପ୍ରତ୍ୟେକ କ୍ଷେତ୍ର ଏବେ ଡିଜିଟାଲାଇଜ ସହ ଯୋଡି ହୋଇଛି। ବିଶେଷ କରି ବ୍ୟାଙ୍କି, ଡାକବିଭାଗ ସହ ସମସ୍ତ ବାଣିଜ୍ୟ କ୍ଷେତ୍ର ଡିଜିଟାଲାଇଜ ହୋଇଛି । ବିମୁଦ୍ରୀକରଣ ପରେ ପ୍ରତ୍ୟେକ କ୍ଷେତ୍ରରେ କ୍ୟାଶଲେସ ଟ୍ରାଜାକ୍ସନ ବ୍ୟବସ୍ଥା ପ୍ରଚଳିତ ହେଉଛି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ଡିଜିଟାଲାଇଜ କରାଯାଇଛି । ଏହି ଡିଜିଟାଲ ଯୁଗରେ ବ୍ୟବସାୟର ପରିଚାଳନାର ପରିଭାଷା ବଦଳିଥିବା ମୁଖ୍ୟଅତିଥି ମତବ୍ୟକ୍ତ କରିଛନ୍ତି । ଏହି ବ୍ୟବସ୍ଥା ସହ ତାଳଦେଇ ଚାଲିବାକୁ ନିଜକୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଭାଗୀୟ ମୁଖ୍ୟ ପ୍ରଫେସର ଅନିଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ସୁନୀଲ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୋଚନା ଚକ୍ରର ଶୀର୍ଷକ ଉପରିସ୍ଥ ଏକ ସୋଭିନିୟର ଉନ୍ମୋଚିତ ହୋଇଥିଲା । ଡ. ସୁମନ କଲ୍ୟାଣ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଡ. ନୀହାର ରଞ୍ଜନ ମିଶ୍ର, ପ୍ରଫେସର ସତ୍ୟନାରାୟଣ ପାଠୀ, ଡ. ସୁଶାନ୍ତ କୁମାର ବରାଳ, ଡ. ସରୋଜ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଗବେଷିକା ଗବେଷକ, ଅଧ୍ୟାପିକା ଓ ଅଧ୍ୟାପକ ଏଥିରେ ଭାଗ ନେଇଥିଲେ । ଗାୟତ୍ରୀ ପାଢୀ, ନାରାୟଣ ମହାରଣା, ଅପୂର୍ବ ବେହେରା ଓ ବିଶ୍ୱବିହାରୀ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ ।

### +୨ ପରୀକ୍ଷା: ରାଜନୀତି ବିଜ୍ଞାନରେ କପି, ଧରାପଡ଼ିଲେ ୩୧

**ବ୍ରହ୍ମପୁର ଅଫିସ,୧୩।୩**

+୨ ରାଜନୀତି ବିଜ୍ଞାନ ପରୀକ୍ଷାରେ ବୁଧବାର ଦକ୍ଷିଣାଞ୍ଚଳ ଅଧୀନ ୮ ଜିଲାରେ କପି ଅଭିଯୋଗରେ ୩୧ ପରୀକ୍ଷାର୍ଥୀ ଜୋନାଲ ସ୍କ୍ୱାଡ୍ ହାତରେ ଧରା ପଡ଼ିଛନ୍ତି। ଗଜପତି ଜିଲା ଆର. ଉଦୟଗିରି ମହେନ୍ଦ୍ରତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ ୧୧ଜଣ କପି ଅଭିଯୋଗରେ ବୁକ ହୋଇଛନ୍ତି। ଚାନ୍ଦିପୁଟ ଇନ୍ଦିରା ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ଗଞ୍ଜାମ ଜିଲା ଡେକାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ହୋଇଛନ୍ତି।

କୋରାପୁଟ ଜିଲା ନନ୍ଦପୁର ସିଦ୍ଧଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ପାଡ଼ୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାୟଗଡ଼ା ଜିଲା କମତଲପେଟା ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, କାଶୀପୁର ମାଣିକେଶ୍ୱରୀ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ଜଣ, କନ୍ଧମାଳ ଜିଲା ଶଙ୍କରାଖୋଲ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ଫିରିଙ୍ଗିଆ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି।

ବୌଦ୍ଧ ଜିଲା ଜହ୍ନପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪, ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨, କଣ୍ଟାମାଳ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ଜଣ କପି ଅଭିଯୋଗରେ ବୁକ ହୋଇଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି।

## ପଦକ ବିଜୟୀ ଭାରୋତ୍ତୋଳକଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୩।୩**

ଭାରୋତ୍ତୋଳନ କ୍ରୀଡ଼ା ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚିତ କରାଇପାରିଛି। ଏଥିପାଇଁ ବ୍ରହ୍ମପୁରର ଅବଦାନ ସର୍ବାଗ୍ରେ ବୋଲି ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । କ୍ରୀଡ଼ାବିତ୍‌ମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ନିକଟ ଅତୀତରେ ବିଶାଖାପାଟଣା ଏବଂ ଜୟପୁରରେ ଅନୁଷ୍ଠିତ ସର୍ବଭାରତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ପଦକ ଜିତିଥିବା କେ. ରବି କୁମାର, ସୁଶାନ୍ତ ସାହୁ, ଅନିଲ କୁମାର ସାହୁ, ମିନତି ଦାସ ଏବଂ ପ୍ରଶିକ୍ଷକ ସୀତା ପ୍ରସାଦ ପଟ୍ଟନାୟକ ଓ ଯଜ୍ଞନାରାୟଣ ସାହୁଙ୍କୁ ବୁଧବାର ବୀର ହନୁମାନ ବ୍ୟାୟାମ କେନ୍ଦ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବା ଅବସରରେ ଡା. ସାହୁ ଉପରୋକ୍ତ ମନ୍ତବ୍ୟ ରଖିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଭାରୋତ୍ତୋଳନ ସଂଘ ଉପସଭାପତି ତଥା ଜିଲା ସଭାପତି କୁମୁଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ନାରାୟଣ ସାହୁ, ଉପଦେଷ୍ଟା ରବି ରଥ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ଉପସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ଭାରୋତ୍ତୋଳନ ପ୍ରଶିକ୍ଷକ ସୀତା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗାଗାରିନ ନାୟକ ଧନ୍ୟବାଦ ଦେଇଥିଲେ।



ସଫଳ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମହିଳା ବିଜେଡି ନେତ୍ରୀ ଭାଜପାରେ ସାମିଲ

**ବ୍ରହ୍ମପୁର ଅଫିସ,୧୩।୩**

ଛତ୍ରପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ମହିଳା ବିଜେଡିଉପସଭାନେତ୍ରୀ ସୁଷମା ଦାସ ଓ ପୋଡ଼ାପଦର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ଭାଜପାରେ ଯୋଗ ଦେଇଛନ୍ତି। ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ ସମାବେଶରେ ଏହି ଦୁଇଜଣ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି । ବକ୍ସିପାତ୍ର ଉଭୟଙ୍କୁ ସ୍ୱାଗତ କରିଥିଲେ ଏବଂ ଜିଲା ଉପସଭାପତି ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗୋପୀନାଥ ପଣ୍ଡା ଓ ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ■ ତୁଷାରକାନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ବିତ୍ତ ନିୟନ୍ତ୍ରକ

## ନିର୍ଦ୍ଦେଶନାମାର ବର୍ଷେ ପରେ ନେଲେ ଦାୟିତ୍ୱ

**ବ୍ରହ୍ମପୁର ଅଫିସ,୧୩।୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ବିତ୍ତ ନିୟନ୍ତ୍ରକ ଭାବେ ବୁଧବାର ତୁଷାରକାନ୍ତି ଖଟୁଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ବିଶ୍ୱବିଦ୍ୟାଳୟର କୁଳସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କୁ ସାକ୍ଷାତ କରି ନିଜର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ଏହାପୂର୍ବରୁ ଏହି ସରକାରୀ ପଦବୀରେ କାର୍ଯ୍ୟରତ ଜୟକୃଷ୍ଣ ସେଠୀ ୨୦୧୮ ଜାନୁୟାରୀ ୩୧ରେ ଅବସର ଗ୍ରହଣ କରିଥିଲେ। ଏହାପରେ ଏକବର୍ଷ ଧରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ପଦବୀ ଖାଲି ପଡିଥିଲା । ଫଳରେ ପ୍ରଥମେ ତତ୍କାଳୀନ କୁଳସଚିବ ଶୈଳେନ୍ଦ୍ର ଦ୍ୱିବେଦୀଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ଦ୍ୱିବେଦୀଙ୍କର ଅଚାନକ ବଦଳି ପରେ ୨୦୧୮ ଏପ୍ରିଲ ୧୩ରେ ବିଶ୍ୱବିଦ୍ୟାଳୟର ଆଇଆରଏଣ୍ଡ ପିଏମ୍ ବିଭାଗ ଅଧ୍ୟାପକ ପ୍ରଫେସର ବିଭୁତି ଭୂଷଣ ମହାପାତ୍ରଙ୍କୁ ଅତିରିକ୍ତ ବିତ୍ତ ନିୟନ୍ତ୍ରକ ଭାବେ ଦାୟିତ୍ୱ ଦିଆଯାଇଥିଲା । ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ନୂତନ ବିତ୍ତ ନିୟନ୍ତ୍ରକ ନିଯୁକ୍ତିକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବହୁବାର ଉଚ୍ଚଶିକ୍ଷା ବିଭାଗକୁ ଚିଠି କରାଯିବା ପରେ ୨୦୧୮ ଫେବୃୟାରୀ ୧୫ରେ ରାଜ୍ୟପାଳ ଚିଠି ନଂ. ୪୦୩୪ରେ କଟକ ଡିଜି ଓ ଆଇଜି ପୋଲିସ ମୁଖ୍ୟାଳୟରେ ଆକାଉଣ୍ଟସ୍ ଅଫିସର ଭାବେ କାର୍ଯ୍ୟରତ ତୁଷାରକାନ୍ତିଙ୍କୁ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଭାବେ ଦାୟିତ୍ୱ ଗ୍ରହଣ ନେଇ ନିର୍ଦ୍ଦେଶ ଦେଇଥିଲେ। ଏହି ସରକାରୀ ନିର୍ଦ୍ଦେଶନାମାର ବର୍ଷେ ପରେ ତୁଷାର କାନ୍ତି ମାର୍ଚ୍ଚ ୬ରେ ଡିଜି ଓ ଆଇଜିଙ୍କ ଅଫିସରୁ ରିଲିଭ ଅର୍ଡର ନେଇ ବୁଧବାର ବିଶ୍ୱବିଦ୍ୟାଳୟରେ ବିତ୍ତ ନିୟନ୍ତ୍ରକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନିର୍ଦ୍ଦେଶନାମାର ବର୍ଷେ ପରେ ତାଙ୍କର ଦାୟିତ୍ୱ ଗ୍ରହଣକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଏନେଇ ବିତ୍ତ ନିୟନ୍ତ୍ରକ ମୁହଁ ଖୋଲି ନ ଥିବା ଜଣାପଡିଛି। ତୁଷାରକାନ୍ତିଙ୍କ ଦାୟିତ୍ୱ ଗ୍ରହଣ ବେଳେ କୁଳସଚିବଙ୍କ ସମେତ ଉପକୁଳ ସଚିବ ଡ. ବାବୁଜୀ ସାମଲ ଉପସ୍ଥିତ ଥିଲେ ।



ନୂତନ ବିତ୍ତ ନିୟନ୍ତ୍ରକ ତୁଷାରକାନ୍ତିଙ୍କ ସହ କୁଳସଚିବ ଓ ଉପକୁଳସଚିବ ।

### ■ ଖୋଲିଲା ଭାଜପା ନିର୍ବାଚନ କାର୍ଯ୍ୟାଳୟ

## ଉଦ୍‌ଘାଟନ ବେଳେ ଅନୁପସ୍ଥିତ ଜିଲା ସଭାପତି

**ବ୍ରହ୍ମପୁର ଅଫିସ,୧୩।୩**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଛି । ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଚୟନ ହୋଇ ନ ଥିଲେ ମଧ୍ୟ ଭାଜପା ପକ୍ଷରୁ ନିର୍ବାଚନୀ କାର୍ଯ୍ୟାଳୟ ବୁଧବାର ବ୍ରହ୍ମପୁର ୨୮ନଂ. ୱାର୍ଡରେ ଖୋଲାଯାଇଛି। ଏହାକୁ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସି ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବହୁ ସଂଖ୍ୟକ କର୍ମୀ ଯୋଗ ଦେଇଥିଲେ। ଅନେକ ମହିଳା ମୋର୍ଚ୍ଚା ନେତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ।

ଏହି ସଂସଦୀୟ କ୍ଷେତ୍ର ପାଇଁ ଆପଣ ନିଶ୍ଚିତ ଟିକେଟ ପାଇବେ କି ବୋଲି ପ୍ରଶ୍ନ ଉତ୍ତରରେ ଭୃଗୁ କହିଥିଲେ, ମୁଁ ଆଶା ରଖିଛି । ତେବେ ଦଳର ଯିଏ ବି ପ୍ରାର୍ଥୀ ହେଲେ ନିର୍ବାଚନ ପ୍ରଚାରକୁ ଜୋରଦାର କରିବା ଲାଗି ଆଗୁଆ କାର୍ଯ୍ୟାଳୟ ଖୋଲାଯାଇଛି। ବ୍ରହ୍ମପୁର ସମେତ ଅନ୍ୟ ସେଗ୍‌ମେଣ୍ଟର କେତେକ ଟିକେଟ ଆଶାୟୀ ଥିବା ବେଳେ ଆପଣ ଅନ୍ୟ ଜିଲାର ହୋଇଥିବାରୁ ସେମାନେ ସମର୍ଥନ କରିବେ କି ବୋଲି ଆଉ ଏକ ପ୍ରଶ୍ନ ହେବାରୁ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ଯେଭଳି ପ୍ରଧାନମନ୍ତ୍ରୀ ହେବେ ସେଥିପାଇଁ ଦଳ ନୂଆ ରଣନୀତି ପ୍ରସ୍ତୁତ କରିଛି। ସେହି ପ୍ରକାରେ ସବୁଠି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ତେଣୁ ଯାହାକୁ ପ୍ରାର୍ଥୀ କରାଯିବ ତାଙ୍କର ସଫଳତା ନିମନ୍ତେ ସମସ୍ତେ ଏକଜୁଟ ହୋଇ ନିଷ୍ଠାର ସହିତ କାର୍ଯ୍ୟ କରିବାର ଦିଲ୍ଲୀରୁ ନିର୍ଦ୍ଦେଶ ରହିଛି ।

ସୂଚନାଯୋଗ୍ୟ, ଏମ୍‌ପି ପ୍ରାର୍ଥୀ ହେବାକୁ ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଆଶାୟୀ ଅଛନ୍ତି। ଆଉ କେତେକ ନେତା ମଧ୍ୟ ଟିକେଟ ପାଇଁ ଲବି ଚଳାଇଛନ୍ତି। ଅନ୍ୟପକ୍ଷରେ ଉଦ୍‌ଘାଟନୀ ବେଳେ ଗଞ୍ଜାମ ଭାଜପା ସଭାପତି ପତିଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ହୋଇଛି । ଆରମ୍ଭରୁ ବିଦ୍ରୋହ ଦେଖାଦେଇଛି । ଆଗାମୀ ଦିନରେ ଅଧିକ ଜଟିଳ ହେବାର ଆଶଙ୍କା ଉପୁଜିଛି । ପତିଙ୍କ ମୋବାଇଲ ଫୋନ ନଂ ୯୪୩୭୦୬୦୪୩୧ ବନ୍ଦ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।



ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ଭୃଗୁ ବକ୍ସିପାତ୍ର ।

## ସଂକ୍ଷେପରେ

### କୀଟନାଶକ ଖାଇ ମହିଳା ଗୁରୁତର

ଦିଗପହଣ୍ଡି,୧୩।୩(ଡି.ଏନ୍.ଏ.)- ପାଟପୁର ଥାନା ସିଙ୍ଗପୁର ଗ୍ରାମର ଜଣେ ମହିଳା ବୁଧବାର କୌଣସି କାରଣରୁ ମାସନିକ ଭାରସାମ୍ୟ ଆଇ କୀଟନାଶକ ଖାଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇ ଦିଆଯାଇଛି।

### ୱାରେଣ୍ଟ ବଳରେ ୩ ଗିରଫ

ଦାରିଙ୍ଗବାଡ଼ି,୧୩।୩(ଡି.ଏନ.ଏ) ସାଧାରଣ ନିର୍ବାଚନ ପାଇଁ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)ଥିବା ଅଭିଯୁକ୍ତଙ୍କ ଗିରଫକୁ ଜୋରଦାର କରାଯାଇଛି। କେରୁବାଡ଼ିର ପୀତବାସ ନାୟକ ଓରଫ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ପୀତବାସଙ୍କ ନାମରେ ମୋଟ ୬ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ସେହିପରି ସୋନପୁର ପଞ୍ଚାୟତ ଗାହାକିଆ ଗ୍ରାମର ଆନନ୍ଦ ବଳିଆରସିଂ ଏବଂ ଜଳେଶ୍ୱର ବଡାଇକଙ୍କୁ ମଧ୍ୟ ୨ଟି ଲେଖାଏ ମାମଲାରେ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ଏମାନଙ୍କ ନାମରେ ଜାମିନ ବିହୀନ ୱାରେଣ୍ଟ ରହିଥିବା ବେଳେ ପୋଲିସ ସେମାନଙ୍କୁ ଖୋଜୁଥିଲା। ସାଧାରଣ ନିର୍ବାଚନ ପାଇଁ ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଆଗୁଆ ବୈଠକ କରି ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ଜାମିନ ବିହୀନ ଗିରଫ ପରୱାନା ତାଲିକା ପ୍ରଦାନ କରାଯିବା ସହ ଅଭିଯୁକ୍ତମାନଙ୍କୁ ଆତ୍ମ ସମର୍ପଣ କରାଯିବାକୁ କୁହାଯାଇଥିଲା। ଅଦ୍ୟାବଧି ୧୮ ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି ଗରଡ଼ିଆ କହିଛନ୍ତି।

### ଅଷ୍ଟଶମ୍ଭୁ ମିଳନ ପାଇଁ ପ୍ରସ୍ତୁତି

**କ.ନୂଆଗାଁ,୧୩।୩(ଡି.ଏନ୍.ଏ.):** କ.ନୂଆଗାଁ ଦୁର୍ଗମଣ୍ଡପରେ ଅଷ୍ଟଶମ୍ଭୁ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଦଣ୍ଡ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୪ ତାରିଖରେ ଏହା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଆଗାମୀ ନିର୍ବାଚନରେ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବା ସେଥିପ୍ରତି ବୈଠକରେ ଦୃଷ୍ଟି ଦିଆଯାଇଥିଲା। ଏଥିରେ ସମ୍ପାଦକ ସୁଶୀଲ କୁମାର ପାତ୍ର, ପଣ୍ଡିତ କୁମାର ବିଶିମାଝୀ, ବିଜୟ କୁମାର ସାହୁ, ପ୍ରଭାତ କୁମାର ପାଣିଗ୍ରାହୀ, ଲୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ୍ଡା ଦେଲେଣି ୭୫୭ ଅଲିଭ୍ ରିଡ୍‌ଲେ

■୧୮ ପରେ ବୃଦ୍ଧି ହେବା ସମ୍ଭାବନା

■ପୋତି ଦିଆଯାଇଛି ୧୭୩ ମଲା କଇଁଛ

ଛତ୍ରପୁର,୧୩।୩(ଡି.ଏନ.ଏ.)

ଋଷିକୁଲ୍ୟା ଓ ବାହୁଦା ମୁହାଣର ବେଳାଭୂମିରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି । ତେବେ ଏହାର ସଂଖ୍ୟା କମ୍ ରହୁଛି। ୧୮ ତାରିଖ ପରେ ଅଣ୍ଡା ଦେବାକୁ ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ଆଶା କରାଯାଇଛି । ଆସନ୍ତା ୨୧ ତାରିଖରେ ପୂର୍ଣ୍ଣିମା ରହିଛି। ଏଥିଯୋଗୁ ସମୁଦ୍ରରେ ଉଚ୍ଚ ଜୁଆର ଆସିବା ଫଳରେ କଇଁଛଙ୍କୁ କୂଳକୁ ଆସିବାକୁ ସୁବିଧା ହେବ । ସେଥିଯୋଗୁ ୧୮ ତାରିଖ ପରେ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି । ବର୍ତ୍ତମାନ ସୁଦ୍ଧା ୭୫୭ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥିବା ସୂଚନା ମିଳିଛି । ତେବେ ଚଳିତ ଥର ନୂଆ ପୋଡମପେଟା ଓ ବାହୁଦା ମୁହାଣ ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥିବା ବ୍ରହ୍ମପୁର ଡିଏଫଓ ଆଶିଷ କୁମାର ବେହେରା କହିଛନ୍ତି । ପୂର୍ବରୁ ଋଷିକୁଲ୍ୟା ମୁହାଣ ନିକଟ ଗୋଖରକୁଦା ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସୁଥିଲେ । ମାତ୍ର ଚଳିତ ଥର ଅଲିଭି ରିଡ୍‌ଲେ ନିଜର ଅଣ୍ଡା ଦେବା ସ୍ଥାନ ବଦଳାଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ହିଁ ବନ ବିଭାଗ ପକ୍ଷରୁ ଗଞ୍ଜାମ ବ୍ଲକର ନୂଆ ପୋଡମପେଟା ଓ ବାହୁଦା ମୁହାଣ ବେଳାଭୂମିରେ କଇଁଛ ଅଣ୍ଡା ଦେବା ପ୍ରକ୍ରିୟା କିଭଳି ଶୃଙ୍ଖଳିତ ଓ ସୁରକ୍ଷିତ ହୋଇପାରିବ ସେନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ । ୨ ତାରିଖରେ ମଧ୍ୟ କଇଁଛ ଅଣ୍ଡା ଦାନ ସୁରକ୍ଷା ନେଇ ଏକ ଜରୁରୀ ବୈଠକ ଛତ୍ରପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣତଃ ଅଲିଭ୍ ରିଡ୍‌ଲେ କଇଁଛ ଜାନୁୟାରୀରୁ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି। ଚଳିତବର୍ଷ ଫେବୃୟାରୀ ୨୬ ତାରିଖରୁ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବା ଆରମ୍ଭ କରିଥିଲେ । ଚଳିତ ବର୍ଷ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଛି। ଗଞ୍ଜାମ ବ୍ଲକ ଗୋଖରକୁଦା ନିକଟ ଋଷିକୁଲ୍ୟା ମୁହାଣର ବେଳାଭୂମିରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେଇଥାନ୍ତି। ତେବେ ତିତ୍‌ଲି ବାତ୍ୟା ପରେ କୂଳରୁ କିଛି ଦୂର ସମୁଦ୍ର ମଧ୍ୟରେ ବାଲି ଜମି ଏକପ୍ରକାର ଦ୍ୱୀପ ସୃଷ୍ଟି ହୋଇଥିବାରୁ ଅଲିଭ ରିଡ୍‌ଲେ କଇଁଛ ସମୁଦ୍ର ବେଳାଭୂମିକୁ ଅଣ୍ଡା ଦେବାକୁ ଆସିବାରେ ଅସୁବିଧା ହେଉଥିବାରୁ ଏମାନେ ଅଣ୍ଡା ଦେବା ସ୍ଥାନ ବଦଳାଇଥିବା ଜଣାପଡିଛି। ୪ କଂଟ୍ରୋଲ ରୁମ୍ ଆର୍ଟିଫିସିଆଲ ହାଚେରୀ, ସମୁଦ୍ର ପାଟ୍ରୋଲିଂ, ସ୍ପିଡ ବୋଟ୍, ଟ୍ରଲର, ସିସି କ୍ୟାମେରା ଦ୍ୱାରା ମନିଟରିଂ, ବନ ବିଭାଗର ଷ୍ଟାଫ୍, ସ୍କ୍ୱାର୍ଡ, ସ୍ଥାନୀୟ ଗାଁଗୁଡିକରେ ସ୍ୱେଚ୍ଛାସେବୀ ସହ ପୋଲିସ, ମେରାଇନ୍ ପୋଲିସ, ମେରାଇନ ଫିସରିର ସହାୟତା ନିଆଯାଇଛି । ଅପରପକ୍ଷେ ଚଳିତ ବର୍ଷ ମତ୍ସ୍ୟ, ମେରାଇନ୍ ଫିସରି ଓ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସ୍କ୍ୱାର୍ଡ ଗଠନ ହୋଇଥିବା ଡିଏଫଓ ବେହେରା ଯୋଗାଯୋଗ ବେଳେ କହିଛନ୍ତି । ଗତବର୍ଷ ୪ ଲକ୍ଷ ୮୨ ହଜାର ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥିଲେ । ଚଳିତ ମାସ ୧୦ ତାରିଖରେ ଗୋପାଳପୁର ବେଳାଭୂମିରୁ ଲାଇଟ୍ ହାଉସ ନିକଟରୁ ୧୫୬ ଏବଂ ୧୧ ତାରିଖରେ ଏହାର ଅପରପାର୍ଶ୍ୱରୁ ୧୭ ମଲା ଅଲିଭ୍ ରିଡ୍‌ଲେ କଇଁଛ ଉଦ୍ଧାର କରାଯାଇଥିଲା । ଉକ୍ତ ୧୭୩ ମଲା କଇଁଛକୁ ଗାତ ଖୋଳି ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଛି । ଅପରପକ୍ଷେ ଆର୍ଯ୍ୟପଲ୍ଲୀ ନିକଟରେ ମଲା କଇଁଛ ପଡିଥିବା ସମ୍ପର୍କରେ ପଚାରିବାରେ ସେ ସମ୍ପର୍କରେ ଖବର ନ ଥିବା ଡିଏଫଓ ସ୍ପଷ୍ଟ କରିଛନ୍ତି।

## ■ବଳଦକୁ ଧକ୍କା ଦେଇ ଓଲଟିଲା ଟ୍ରକ୍

# ବଳଦ ମୃତ, ୪ ଶ୍ରମିକ ଆହତ



ରାସ୍ତା ଅବରୋଧ ହଟାଉଛି ପୋଲିସ।

ସୋରଡା,୧୩।୩(ଡି.ଏନ୍.ଏ.)

ବଡଗଡ ୩୬ନଂ ରାଜ୍ୟ ରାଜପଥ ପାଟପୁର ଗ୍ରାମ ନିକଟରେ ବଡଗଡରୁ ସୋରଡା ଅଭିମୁଖେ ଆସୁଥିବା ଏକ ଧାନ ବୋଝେଇ ଟ୍ରକ (ନଂ.ଓଆର୦୭ଆର୍-୩୫୫୩) ବଳଦକୁ ଧକ୍କା ଦେଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗୋଟିଏ ବଳଦର ମୃତ୍ୟୁ ଘଟିଥିବାବେଳେ ଟ୍ରକ୍‌ରେ ବସିଥିବା ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ସୁରେଖାଦେଇପୁର ଅଞ୍ଚଳର ପୀତବାସ ଗୌଡ, ବିନୋଦ ଗୌଡ, ଭଗବାନ ଗୌଡ ଓ ସୁବାସ ଗୌଡ। ସୁବାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଆହତ ବଳଦ ଦୁଇଟି ଉମ୍ବରୁ ନାଇକଙ୍କର। ଦୁର୍ଘଟଣା ପରେ ଗ୍ରାମବାସୀ ହମ୍ପସ୍ ନିର୍ମାଣ ଓ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ବଡଗଡ ଥାନା ଅଧିକାରୀ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ସୋରଡା ପୂର୍ତ୍ତବିଭାଗ ତରଫରୁ ନୂତନ ରାସ୍ତା ନିର୍ମାଣ ପରେ ପାଟପୁରଠାରୁ ନୂଆଖିଲାବାଡି ପର୍ଯ୍ୟନ୍ତ ଯାନବାହନ ଦ୍ରୁତ ଗତିରେ ଚଳାଚଳ କରୁଛି। ସଚେତନ ଫଳକ, ସ୍ପିଡ୍‌ବ୍ରେକର, ହମ୍ପସ୍ ନିର୍ମାଣ ହେଲେ ଦୁର୍ଘଟଣା ଉପରେ ରୋକ୍ ଲଗାଯାଇପାରିବ ବୋଲି ଆଲୋଚନା ହେଉଛି।

# ୨ ଶିକାରୀ ଗିରଫ, ଜଣେ ଫେରାର

ଆର.ଉଦୟଗିରି,୧୩।୩(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପୃଥକ ସ୍ଥାନରୁ ୨ ଶିକାରୀଙ୍କୁ ଗିରଫ କରିବା ସହ ୩ ବନ୍ଧୁକ ଜବତ କରିଛି। ଜଣେ ଶିକାରୀ ବନ୍ଧୁକ ଛାଡି ଫେରାର୍ ହୋଇଯାଇଛନ୍ତି। ଗଜପତି ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ କିଛିଦିନ ହେଲା ପୋଲିସ ପକ୍ଷରୁ ପାଟ୍ରୋଲିଂକୁ ଜୋରଦାର୍ କରାଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ଥାନାଧିକାରୀ କୁଳମଣି ସେଠୀ, ଏସଆଇ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଓ ପୋଲିସ କର୍ମଚାରୀ ଛେଳିଗଡ଼, ମହେନ୍ଦ୍ରଗଡ଼ ଏବଂ ସିଆଳିଲଟି ଅଞ୍ଚଳରେ ପାଟ୍ରୋଲିଂ କରି ଫେରୁଥିଲେ। କୁଆଁପଡ଼ା ଗ୍ରାମ ନିକଟ ସୌରାସାହି ଠାରେ ଏକ ଦେଶୀ ବନ୍ଧୁକ ଧରି ଶିକାର ପାଇଁ ଯାଉଥିବା ଡମ୍ବୁରୁଧର ବଡ଼ରଇତଙ୍କୁ ଅଟକାଇ ଥିଲେ। ବନ୍ଧୁକର କୌଣସି କାଗଜପତ୍ର ଡମ୍ବରୁ ନ ଦେଖାଇ ପାରିବାରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ନଂ. ୨୧/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଶିକାର କରି ଫେରୁଥିବା ୨ଜଣଙ୍କୁ ପୋଲିସ ଡେରେବା ରୋଡ ଭାଲୁ ସାହିଠାରେ ଅଟାକାଇବାକୁ ଚେଷ୍ଟା କରିଥିଲା। ତେବେ ବନ୍ଧୁକଧାରୀ ଜଗବନ୍ଧୁ ରଇତଙ୍କୁ ପୋଲିସ କାବୁ କରିଥିବା ବେଳେ ଓ ଅନ୍ୟ ଅଭିଯୁକ୍ତ ଜଣକ ବନ୍ଧୁକ ଫିଙ୍ଗି ଦୌଡ଼ି ପଳାଇଥିଲେ। ସେଠାରୁ ବନ୍ଧୁକ ୨ଟିକୁ ଜବତ କରି ଜଗବନ୍ଧୁଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ନଂ.୨୨/୧୯ରେ ମାମଲା ରୁଜୁ ହୋଇଛି। ଗିରଫ ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏସ୍‌ପି ଥାନାକୁ ଆସି ଘଟଣାର ଅନୁଧ୍ୟାନ କରିଥିଲେ।



ଜବତ ଦେଶୀ ବନ୍ଧୁକ।

## ୩ ବନ୍ଧୁକ ଜବତ

# ଅବକାରୀ ଚଢାଉ: ୨୮ ଗିରଫ

ଛତ୍ରପୁର,୧୩।୩(ଡି.ଏନ.ଏ)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଗଞ୍ଜାମ ଅବକାରୀ ଜିଲାରେ ଚଢାଉ ଚାଲିଛି। ଗତ କିଛିଦିନ ମଧ୍ୟରେ ୩୦ଟି ଅବକାରୀ ମାମଲା ରୁଜୁ କରାଯାଇଛି। ୨୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ଦେଶୀ ବିଦେଶୀ ମଦ ସହ କେତେଟି ବାଇକ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ବୁଧବାର ଅବକାରୀ ବିଭାଗ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ବେଆଇନ୍ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ ପ୍ରକାରେ ଅବକାରୀ ଅଧିକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏସବୁ ଚଢାଉ ହୋଇଥିଲା। ଏଥିରେ ନିରୀକ୍ଷକ ଅଭିରାମ ବେହେରା, ଗଙ୍ଗାଧର ପାଇକରାୟ, ଶ୍ରୀଧର ହେମ୍ବ୍ରମ, ଉପନିରୀକ୍ଷକ ମୋହନ ପ୍ରଧାନ, ପାର୍ଥ ରାଉତ, ଗୀତାଞ୍ଜଳି ସାହୁ, ନବସ୍ମିତା ନାୟକ, ବଳରାମ ସାହୁ ଓ ଉମାକାନ୍ତ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ■ ଘାଟିରେ ଓଲଟିଲା ଟ୍ରେକର

# ୯ ଆହତ, ୪ ଗୁରୁତର

ଦିଗପହଣ୍ଡି,୧୩।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କେରାଣ୍ଡିମାଳ ପାହାଡ଼ ବାଙ୍କେଶ୍ୱରୀ ଘାଟିରେ ବୁଧବାର ପୂର୍ବାହ୍ନରେ ଟ୍ରେକର ଓଲଟି ୧୩ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ପାତ୍ରପୁର ବ୍ଲକ ଜରଡ଼ା ଥାନା ହଡ଼ମରା ଗ୍ରାମର ଟୁନୁ ଗୌଡ଼ଙ୍କ ପୁଅର ମାନସିକ ମୁଣ୍ଡନ ପୂଜା ପରିବାର ଓ ସମ୍ପର୍କୀୟମାନେ ଟ୍ରେକର ଯୋଗେ କେରାଣ୍ଡିମାଳ ପାହାଡ଼ ଉପରେ ଥିବା ମା' ନିଜବାଙ୍କେଶ୍ୱରୀ ପୀଠକୁ ଯାଉଥିଲେ । ଘାଟି ରାସ୍ତାରେ ବ୍ରେକ ଫେଲ ହେବାରୁ ଟ୍ରେକରଟି ତଳକୁ ଖସି ପଡ଼ିଥିଲା । ଫଳରେ ଲିପୁନ ଗୌଡ଼, ମଣ୍ଟୁ ଗୌଡ଼, ଗଦାଧର ଗୌଡ଼, ଦଣ୍ଡପାଣି ଗୌଡ଼, ପୁଷ୍ପାଞ୍ଜଳୀ ଗୌଡ଼, ଦାସ ଗୌଡ଼, ଚିତ୍ରସେନ ଗୌଡ଼, ବାରିକ ଗୌଡ଼, ମହେଶ୍ୱର ଗୌଡ଼, ବୃନ୍ଦାବନ ସେଠୀ, ରଘୁନାଥ ଗୌଡ଼, ମୂରଲୀ ଗୌଡ଼ ଓ ଟ୍ରେକର ଚାଳକ ପୁରୁଷୋତ୍ତମ ଚଣ୍ଡ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଦିଗପହଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲା । ମୂରଲୀ, ପୁରୁଷୋତ୍ତମ, ଦାସ, ଚିତ୍ରସେନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି।

# ଅନ୍‌ସ୍ଲୋ ଷ୍ଟ୍ରଙ୍ଗରୁମ୍ ଅନୁଧ୍ୟାନ କଲେ ଉପଜିଲାପାଳ

## ଛତ୍ରପୁର, ଭଞ୍ଜନଗର, ବ୍ରହ୍ମପୁରରେ ହେବ ଭୋଟ ଗଣତି

ଛତ୍ରପୁର,୧୩।୩(ଡି.ଏନ.ଏ)

### ସାଧାରଣ ନିର୍ବାଚନ ପ୍ରସ୍ତୁତି

ସାଧାରଣ ନିର୍ବାଚନ ଲାଗି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବୁଧବାର ଅନସ୍ଲୋ ହାଇସ୍କୁଲକୁ ଯାଇ ଅନୁଧ୍ୟାନ କରିଛନ୍ତି। ମତଦାନ ପରେ ଇଭିଏମଗୁଡିକୁ ଏହି ହାଇସ୍କୁଲର ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବ। ଏଠାରେ ଭୋଟ ଗଣତି ହେବ। ହାଇସ୍କୁଲର ସମ୍ମିଳନୀ ଗୃହ ଓ କୋଠାର ଉପର ମହଲାରେ ଭୋଟ ଗଣତି କରାଯିବାକୁ ନିଷ୍ପତ୍ତି ହୋଇଛି। ଏଠାରେ କ'ଣ ସୁବିଧା ଅସୁବିଧା ରହିଛି ଉପଜିଲାପାଳ ତଥ୍ୟ ସଂଗ୍ରହ କରିଥିଲେ। ଉପଜିଲାପାଳଙ୍କ ସହ ଡେପୁଟି ସବକଲେକ୍ଟର ସଚ୍ଚିଦାନନ୍ଦ ନାୟକ, ରାସ୍ତା ଓ କୋଠାବାଡି ବିଭାଗର ଯନ୍ତ୍ରୀ ଓ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ। ଷ୍ଟ୍ରଙ୍ଗରୁମ୍ ମରାମତି କାର୍ଯ୍ୟ, ୨ଟି ସିଡି ନିର୍ମାଣ, ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ଆଦି କିଭଳି ନିର୍ଦ୍ଧାରିତ ସମୟରେ ହେବ ତାହା ଉପରେ ଉପଜିଲାପାଳ ପୃଷ୍ଟି ଗୁରୁତ୍ୱ ଦେଇଥିଲେ।

ଆସିକା ଓ ବ୍ରହ୍ମପୁର ଲୋକସଭା ଓ ଏହା ଅଧୀନରେ ଥିବା ସମସ୍ତ ବିଧାନସଭା ନିର୍ବାଚମଣ୍ଡଳୀର ଭୋଟଗଣତି ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗରରେ କରାଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଅନସ୍ଲୋ ହାଇସ୍କୁଲରେ ପୋଲସରା, କବିସୂର୍ଯ୍ୟନଗର, ଛତ୍ରପୁର, ହିଞ୍ଜିଳି ଓ ଖଲ୍ଲିକୋଟ ନିର୍ବାଚମଣ୍ଡଳୀର ଭୋଟ ଗଣତି ହେବ। ବ୍ରହ୍ମପୁରର ଆଇଟିଆଇରେ ଦିଗପହଣ୍ଡି, ଚିକିଟି ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ, ବ୍ରହ୍ମପୁର ସରକାରୀ ପଲିଟେକନିକ୍‌ରେ ବ୍ରହ୍ମପୁର ଓ ଗୋପାଳପୁର ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବ। ସେହିପରି ଭଞ୍ଜନଗରର କେଏସୟୁବିରେ ଭଞ୍ଜନଗର, ସୋରଡା ଓ ଆସିକା ନିର୍ବାଚମଣ୍ଡଳୀର ଭୋଟ ଗଣତି ହେବ।



ଅନସ୍ଲୋ ହାଇସ୍କୁଲରେ ଉପଜିଲାପାଳ ଅନୁଧ୍ୟାନ କରୁଛନ୍ତି।

# ମୌଳିକ ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ

**ପାରଳାଖେମୁଣ୍ଡି, ୧୩।୩(ସ୍ୱ.ପ୍ର.)**

ଗଜପତି ଜିଲାରେ ଏଭଳି ବହୁ ଗାଁ ରହିଛି ଯେଉଁଠି ଏବେ ବି ଲୋକେ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ତନ୍ମଧ୍ୟରୁ ରାୟଗଡ ବ୍ଲକ ଏଙ୍ଗାରସିଂ ପଞ୍ଚାୟତର 'ବଡସଡା' ଗ୍ରାମ ଅନ୍ୟତମ। ପାହାଡ ଉପରେ ରହୁଥିବା ଏହି ଗ୍ରାମବାସୀଙ୍କ ପାଇଁ ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଦ୍ୟୁତ ଆଦି ମୌଳିକ ସୁବିଧା ଏକପ୍ରକାର ସ୍ୱପ୍ନ ପାଲଟିଛି। ବାରମ୍ବାର ପ୍ରଶାସନକୁ ଗୁହାରି ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଗୁଡିସାହି, ସିଙ୍ଗୁଗୟା, ସର୍ଗିସାହିକୁ ନେଇ 'ବଡସଡା' ଗ୍ରାମ ଗଠିତ। ଏଠାରେ ପ୍ରାୟ ୬୧ ପରିବାରର ୩୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ସମସ୍ତେ ଅନୁସୂଚିତ ଜନଜାତିବର୍ଗର। ପାଖ ଜଙ୍ଗଲରୁ ବନଜାତ ଦ୍ରବ୍ୟ ସଂଗ୍ରହ ସହ ଜଙ୍ଗଲ ଜମିରେ ଚାଷବାସ କରି ଚଳନ୍ତି। ଗ୍ରାମର ସରୋଜ ଭୂୟାଁ, ଆଦିକନ୍ଦ ଭୂୟାଁ, ପ୍ରଫୁଲ୍ଲ କିଙ୍ଗଲ, ଦିବାକର ଭୂୟାଁ, ଲକ୍ଷ୍ମୀ କିଙ୍ଗଲ ପ୍ରମୁଖ କହିଛନ୍ତି ଯେ, ଗାଁକୁ ଭଲ ରାସ୍ତା ନାହିଁ। ତେଣୁ ଏଠାରେ ସରକାରୀ ବାବୁ କିମ୍ବା ଲୋକପ୍ରତିନିଧିମାନଙ୍କ ପାଦ ପଡ଼େନାହିଁ। ଏପରିକି ସ୍କୁଲକୁ ମଧ୍ୟ ଶିକ୍ଷକମାନେ ନିୟମିତ ଆସନ୍ତି ନାହିଁ। ବାତ୍ୟାରେ ସ୍କୁଲଘର ଭାଙ୍ଗିପଡ଼ିଥିଲା। ପରେ ନାମକୁ ମାତ୍ର ମରାମତି କରାଯାଇଛି। ସ୍କୁଲ ଚାରିପଟେ ପାଚେରୀ ନାହିଁ କି ଖେଳିପଡ଼ିଆଟିଏ ନାହିଁ। ସ୍ୱାସ୍ଥ୍ୟସେବା କଥା ନ କହିବା ଭଲ । ପାହାଡିଆ ତଥା ଘାଟି ରାସ୍ତା ଯୋଗୁ ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ। ପ୍ରସୂତି କିମ୍ବା ଜରୁରୀକାଳୀନ ରୋଗୀଙ୍କୁ ନିଜ ବ୍ୟବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼େ। ଗ୍ରୀଷ୍ମଋତୁ ଆସିଗଲେ ସମସ୍ତଙ୍କୁ ପାଣି ଚିନ୍ତା ଘାରେ। ୨ଟି ନଳକୂପ ରହିଥିଲେ ମଧ୍ୟ ଗୋଟିଏ ଅଚଳ ହୋଇପଡ଼ିଛି ଏବଂ ଅନ୍ୟଟିରୁ ଗନ୍ଧଯୁକ୍ତ ପାଣି ବାହାରୁଛି। ଗୋଟିଏ କୂଅ ଥିଲେ ବି ଏହାର ପାଣି ଅପରିଷ୍କାର ଓ ଖରାଦିନେ ପ୍ରାୟତଃ ଶୁଖିଯାଏ। ସ୍ଥାନୀୟ ଝରଣା ଓ ଝରକୁ ଯାଇ ପାଣି ଆଣିବାକୁ ପଡ଼େ। ବିଦ୍ୟୁତ ବ୍ୟବସ୍ଥା ଥାଇ ବି ନ ଥିବା ସଙ୍ଗେ ସମାନ। ସେହିପରି ଦୀର୍ଘମାସ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକେ କାମ ପାଇନାହାନ୍ତି। ତିତ୍‌ଲି ବାତ୍ୟା ପରେ ଗ୍ରାମବାସୀଙ୍କ ସମସ୍ୟା ଦ୍ୱିଗୁଣ ହୋଇଯାଇଛି। ଜୀବନ ଜୀବିକା ପୁଣି ୨୫-୩୦ ବର୍ଷ ପଛକୁ ଚାଲିଯାଇଛି। ସରକାରୀ ସହାୟତା ଭାବେ ପ୍ରତ୍ୟେକଙ୍କୁ ୫୦କେଜି ଚାଉଳ, ୧ହଜାର ଟଙ୍କା ଓ ଗୋଟିଏ ଲେଖାଏ ପଲିଥିନ କେବଳ ମିଳିଛି । ଘରଭଙ୍ଗା ସାହାଯ୍ୟ ଓ ଅନ୍ୟ ସରକାରୀ ସହାୟତା ମିଳିନାହିଁ। ଏ ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଗୁହାରି କରି ନିରାଶ ହେବାକୁ ପଡ଼ିଛି। ତୁରନ୍ତ ସମସ୍ୟା ଦୂର ଲାଗି ପଦକ୍ଷେପ ନିଆ ନ ଗଲେ ଚଳିତ ନିର୍ବାଚନ ବର୍ଜନ କରିବୁ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ